# NATIONAL NEWS BULLETIN (ODIA)
## 07th September - 2026
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଗୁଜରାଟ ଓ ମହାରାଷ୍ଟ୍ରକୁ ଆସନ୍ତାକାଲି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣାରେ ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସ୍ତରୀୟ ତଦନ୍ତ କରିବାକୁ ଦିଲ୍ଲୀ ମହାନଗର ନିଗମକୁ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ।
- ଗୋଆ ପୁଲିସ୍‌କୁ ମର୍ଯ୍ୟାଦାଜନକ ରାଷ୍ଟ୍ରପତି ପୁଲିସ ଧ୍ୱଜା ପ୍ରଦାନ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଘୋଷଣା ।

— ବୁଧବାର ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି ।

ଏବଂ

- ନେପାଳ-ତିବତ ବନ୍ୟାଜନିତ ମୃତବ୍ୟକ୍ତିଙ୍କ ଚିହ୍ନଟପାଇଁ ଡି.ଏନ୍.ଏ. ପରୀକ୍ଷଣରେ ସହାୟତା ପ୍ରଦାନ କରିବାକୁ ଚୀନ୍‌ସ୍ଥିତ ଭାରତୀୟ ଦୂତାବାସର ଅନୁରୋଧ ।

## ପି.ଏମ୍. - ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଗୁଜରାଟ ଏବଂ ମହାରାଷ୍ଟ୍ର ଗସ୍ତରେ ଯିବେ । ଭଦୋଦରାଠାରେ ପ୍ରଧାନମନ୍ତ୍ରୀ ୩୫ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ପଶ୍ଚିମାଞ୍ଚଳ ସମର୍ପିତ ମାଲ୍ ପରିବହନ କରିଡରର ୩ଟି ଗୁରୁତ୍ୱପୂର୍ଣ୍ଣ ଭାଗକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏଥିରେ ୨୦ ହଜାର ୭ଶହ କୋଟି ଟଙ୍କା ବ୍ୟୟରେ ୩୨୬ କିଲୋମିଟର ଦୀର୍ଘ ମାର୍ଗର ବିକାଶ କରାଯାଇଛି । ପ୍ରଧାନମନ୍ତ୍ରୀ ମଧ୍ୟ ନୂଆସାନନ୍ଦ, ନୂଆମକରପୁରା, ନୂଆ ଉମ୍ବରଗାଓଁ ଏବଂ ନୂଆ ଜେଏନ୍‌ପିଟିରୁ ମାଲ୍ ପରିବହନ ଟ୍ରେନ୍‌ର ଶୁଭାରମ୍ଭ କରିବେ ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଭଦୋଦରା ଓ ତଣ୍ଡାରୋଡ ମଧ୍ୟରେ ନୂଆ ରେଳସେବାର ଶୁଭାରମ୍ଭ କରିବେ । ଏହାଦ୍ୱାରା ଭଦୋଦରା, ଛୋଟଉଦେପୁର ଓ ଅଲୀରାଜପୁର ଜିଲ୍ଲା ମଧ୍ୟରେ ଯାତ୍ରୀମାନଙ୍କ ଗମନାଗମନ

ସହଜ ହୋଇପାରିବ । ପ୍ରଧାନମନ୍ତ୍ରୀ ଜୋବାଟ୍-ତଣ୍ଡାରୋଡ ନୂଆ ରେଳଲାଇନ୍‌ର ମଧ୍ୟ ଆସନ୍ତାକାଲି ଉଦ୍‌ଘାଟନ କରିବେ । ଏହା ବ୍ୟତୀତ ୯ ହଜାର ୭୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩ଟି ନୂଆ ରେଳ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୧ ହଜାର ୭୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୩ଟି ଜାତୀୟ ରାଜପଥ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଗୁଜରାଟ ଗସ୍ତ ଅବସରରେ ଶ୍ରୀ ମୋଦୀ ୨ ହଜାର ୬୦୦ କୋଟିରୁ ଅଧିକ ଟଙ୍କାର ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ଶ୍ରୀ ମୋଦୀ ଏକ ଜନସମାବେଶକୁ ଉଦ୍‌ବୋଧନର ଦେବାର କାର୍ଯ୍ୟସୂଚୀ ରହିଛି ।

ପରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ଗସ୍ତ କରି ମୁମ୍ବାଇଠାରେ ଗ୍ଲୋବାଲ୍ ଫିନ୍‌ଟେକ୍ ସମ୍ମିଳନୀ-୨୦୨୬କୁ ଉଦ୍‌ଘାଟନ କରିବେ । ଚଳିତବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ବିଶ୍ୱସ୍ତରୀୟ ଅନ୍ତର୍ଭୁକ୍ତିମୂଳକ ଅର୍ଥ ବ୍ୟବସ୍ଥା ପାଇଁ ଏଜେଣ୍ଟିକ୍ ଏ.ଆଇ., ଟୋକନାଇଜେସନ ଓ କ୍ୱାଣ୍ଟମ୍‌ର ସମ୍ଭାବନା" ।

## ଦିଲ୍ଲୀ-ଏଚ୍.ସି. - ବିଲ୍‌ଡିଂ କୋଲାପ୍ସ

ନୂଆଦିଲ୍ଲୀର ସତ୍ୟ ନିକେତନ କୋଠା ଭୁଶୁଡ଼ିବା ଘଟଣାରେ ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସ୍ତରୀୟ ତଦନ୍ତ କରିବାକୁ ଦିଲ୍ଲୀ ମହାନଗର ନିଗମକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ କୋଠାର ନିର୍ମାଣ ଅନୁମତି ବୈଧତା ଯାଞ୍ଚ୍ କରିବାକୁ ମଧ୍ୟ କୋର୍ଟ କହିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ତେଜସ୍ କାରିଆଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ଜନସ୍ୱାର୍ଥ ଆବେଦନର ଶୁଣାଣି ଅବସରରେ ସମସ୍ତ ପେଇଙ୍ଗ୍ ଗେଷ୍ଟ ଆବାସସ୍ଥଳୀ ଏବଂ ଛାତ୍ରାବାସଗୁଡ଼ିକର ଏକ ସପ୍ତାହ ମଧ୍ୟରେ ଯାଞ୍ଚ୍ କାର୍ଯ୍ୟ ଶେଷ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ପ୍ରତ୍ୟେକ ଅଂଶୀଦାର ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ବିଫଳତାକୁ ମଧ୍ୟ ଦାୟୀ କରିବାକୁ କୋର୍ଟ କହିଛନ୍ତି । ପ୍ରତ୍ୟେକଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ କହିଛନ୍ତି । ବେସରକାରୀ ପି.ଜି. ଆବାସସ୍ଥଳୀ ଏବଂ ଛାତ୍ରାବାସଗୁଡ଼ିକରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ କୋର୍ଟ କହିଛନ୍ତି । ସମସ୍ତ ପି.ଜି. ଆବାସଗୁଡ଼ିକରେ ରହୁଥିବା ଛାତ୍ରଙ୍କ ସଂଖ୍ୟା ନିର୍ଣ୍ଣୟ କରିବା ସହ ସେଗୁଡ଼ିକର ବୈଧତା ଅନୁମତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଯାଞ୍ଚ କରିବାକୁ କୋର୍ଟ କହିଛନ୍ତି । ନାମ ଲେଖାଉଥିବା ଦିଲ୍ଲୀ ବାହାର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏବଂ ସେମାନଙ୍କପାଇଁ ରହିଥିବା ସ୍ଥାନ ଉପଲବ୍ଧତା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ କୋର୍ଟ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଆବେଦନରେ ୧୦ ଦିନ ମଧ୍ୟରେ ଉତ୍ତର ଦାଖଲ କରିବାକୁ ପ୍ରତିପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖକୁ ଧାର୍ଯ୍ୟ କରାଯାଇଛି ୧ ।

ଅନ୍ୟପକ୍ଷରେ କୋଠାର ମାଲିକଙ୍କୁ ଇତିମଧ୍ୟରେ ଗିରଫ କରାଯାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାନଗର ନିଗମର ଡେପୁଟି କମିଶନର, ଅଧୀକ୍ଷଣ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ୫ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି ।  ଦିଲ୍ଲୀରେ ବେଆଇନ ଭାବେ ନିର୍ମିତ ପାଞ୍ଚମହଲାବିଶିଷ୍ଟ କୋଠାଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଅମିତ୍ ଶାହା - ଗୋଆ ଭିଜିଟ୍

ଗୋଆ ପୁଲିସ୍‌କୁ ମର୍ଯ୍ୟାଦାଜନକ ରାଷ୍ଟ୍ରପତି ପୁଲିସ ଧ୍ୱଜା ପ୍ରଦାନ କରାଯାଇଛି । ଗୋଆର ତଲେଗାଓଁସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଧ୍ୱଜା ପ୍ରଦାନ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା’ ଗୋଆ ପୁଲିସ୍‌ର ସେବା, ବୃତ୍ତିଗତ ଦକ୍ଷତା, ସାହସ ଏବଂ

ଶୃଙ୍ଖଳାର ଉଚ୍ଚ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଆଭ୍ୟନ୍ତରୀଣ, ଉପକୂଳ ସୁରକ୍ଷା ଏବଂ ପର୍ଯ୍ୟଟନ ଓ ଅର୍ଥନୀତିକୁ ସୁରକ୍ଷିତ ରଖିବାରେ ଗୋଆ ପୁଲିସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ।

***Voice (Shah)*** :.......

କର୍ତ୍ତବ୍ୟ ପାଳନ ସମୟରେ ପ୍ରାଣ ହରାଇଥିବା ପୁଲିସ୍ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ୧୧୨ ହେଲ୍‌ଲାଇନ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ଜରୁରୀକାଳୀନ ସେବାର ପ୍ରତିକ୍ରିୟାଜନିତ ସମୟସୀମାକୁ ନିର୍ଦ୍ଧାରିତ ୧୮ରୁ ୮ ମିନିଟ୍‌କୁ ହ୍ରାସ କରିବା ଉପରେ ଶ୍ରୀ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଇ.ସି. - ବାଇପୋଲ୍

ଆସାମର ନାଗାଓଁ ଲୋକସଭା ଆସନ ସହିତ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି । ସେଥିମଧ୍ୟରେ ତାମିଲ୍‌ନାଡୁ ଓ ପଶ୍ଚିମବଙ୍ଗର ଦୁଇଟି ଲେଖାଏଁ ଏବଂ ପୁଡୁଚେରୀର ଗୋଟିଏ ବିଧାନସଭା ଆସନ ଅନ୍ତର୍ଭୁକ୍ତ । କମିଶନ ଦେଇଥିବା ସୂଚନା ଅନୁଯାୟୀ ତାମିଲନାଡୁର ମଦୁରାନ୍ତକମ୍ ଏବଂ ଧାରାପୁରମ୍ ଆସନ, ପଶ୍ଚିମବଙ୍ଗର ରେଜିନଗର ଓ

ନନ୍ଦିଗ୍ରାମ ଏବଂ ପୁଡୁଚେରୀର ଥାଟଞ୍ଚାଓ୍ୱାଡ଼ି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଆସନ୍ତା ବୁଧବାର ଦିନ ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ  । ଉପନିର୍ବାଚନପାଇଁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବାର ସମୟସୀମା ରହିବ । ଅକ୍ଟୋବର ୬ ତାରିଖରେ ଭୋଟ୍ ଗ୍ରହଣ କରାଯାଇ ୯ ତାରିଖରେ ଗଣତି ସହ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ୍ ସୂଚନା ଦେଇଛନ୍ତି ।

## ଗୋୟଲ୍ - ମାକ୍‌ଟେକ୍ ଏକ୍ସପୋ

ବିଶ୍ୱ ଫାର୍ମାସୀ କ୍ଷେତ୍ରରେ ସ୍ଥିତି ସୁଦୃଢ଼ କରିବା ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତକୁ ଏକ ଅଗ୍ରଣୀ ରାଷ୍ଟ୍ରଭାବେ ଗଢ଼ିତୋଳିବାକୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଫାର୍ମା ମାକ୍‌ଟେକ୍ ଏବଂ ଲ୍ୟାବ୍‌ନେକ୍ସଟ୍ ଏକ୍ସପୋ-୨୦୨୬କୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ଗୋୟଲ' ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଦ୍ଧିତ ଆବଶ୍ୟକତା ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ ରାଷ୍ଟ୍ର ସହ ରହିଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ସୁଯୋଗ ନେବାକୁ ଶ୍ରୀ ଗୋୟଲ୍ ଫାର୍ମା କ୍ଷେତ୍ରକୁ ଆହ୍ୱାନ ଦେଇଛନ୍ତି । ସମସ୍ତଙ୍କପାଇଁ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସୁଯୋଗ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ସ୍ୱାସ୍ଥ୍ୟସେବା ଏବଂ ଔଷଧ, ଚିକିତ୍ସା ଉପକରଣ ଆଦି କ୍ଷେତ୍ରଗୁଡ଼ିକରେ ରହିଥିବା ବ୍ୟାପକ ସୁଯୋଗ ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ସୂଚନା ପ୍ରଦାନ କରିଛନ୍ତି ।

## ଇଣ୍ଡିଆନ ଏମ୍ବାସୀ ଚୀନ ଡିଏନ୍.ଏ. ସାମ୍ପୁଲ୍

ନେପାଳ-ତିବତ୍ ବନ୍ୟାଜନିତ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିବାପାଇଁ ଡି.ଏନ୍.ଏ. ପରୀକ୍ଷଣରେ ସହାୟତା ପ୍ରଦାନ କରିବାକୁ ନିଖୋଜ ଭାରତୀୟ ନାଗରିକଙ୍କ ପରିବାରକୁ ଅନୁରୋଧ କରାଯାଇଛି । ଚୀନ୍‌ରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏକ ବିବୃତ୍ତିରେ ଏହି ଅନୁରୋଧ କରାଯାଇଛି । ଇଚ୍ଛୁକ ପରିବାରଗୁଡ଼ିକୁ ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ଫର୍ମାଟ - କୋଡିସ୍  ମାଧ୍ୟମରେ ଭାରତୀୟ ଦୂତାବାସକୁ ଡି.ଏନ୍.ଏ. ନମୁନା ସଂଗ୍ରହ ସଂକ୍ରାନ୍ତ ତଥ୍ୟ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି । ଏହି ତଥ୍ୟକୁ ସମ୍ପୃକ୍ତ ଚୀନ୍ କର୍ତ୍ତୃପକ୍ଷଙ୍କୁ ପଠାଯିବ । ଡି.ଏନ୍.ଏ. ମେଳକ କ୍ଷେତ୍ରରେ ସମ୍ପୃକ୍ତ ପରିବାରକୁ ଆବଶ୍ୟକ ତଥ୍ୟ ପ୍ରଦାନ କରାଯିବ ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି । ସବିଶେଷ ତଥ୍ୟ ଜାଣିବାପାଇଁ ଦୂତାବାସ ପକ୍ଷରୁ ସ୍ୱତନ୍ତ୍ର ଟେଲିଫୋନ ନମ୍ବର ଏବଂ ଇ-ମେଲ୍ ଜାରି କରାଯାଇଛି ।

# ଡି.ଇ.ଏଫ୍.-ଡି.ଏ.ସି. ଆପ୍ରୁଭାଲ୍

ପ୍ରତିରକ୍ଷା ବାହିନୀ ପାଇଁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ - ଡି.ଏ.ସି. ମଞ୍ଜୁରି ପ୍ରଦାନ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ପରିଷଦ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ୩ଟିଯାକ ସେନାପାଇଁ ବିଭିନ୍ନ ପ୍ରସ୍ତାବିତ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ଏହି ପୁଞ୍ଜି ବିନିଯୋଗ ହେବ ବୋଲି ମନ୍ତ୍ରଣାଳୟ କହିଛି । ବାୟୁସେନାପାଇଁ ଯୁଦ୍ଧବିମାନ, ପରିବହନ ହେଲିକପ୍ଟର ଆଦି କ୍ରୟ ପ୍ରସ୍ତାବ ଏଥିରେ ଅନ୍ତର୍ଭୁକ୍ତ । ନୌସେନାପାଇଁ ରାଡାର କ୍ରୟ, ବିକଶିତ ସାମୁଦ୍ରିକ ଗ୍ୟାସ୍ ଟର୍ବାଇନ୍, ଅରୁଧ୍ରା ରାଡାର୍ କ୍ରୟ କରିବାକୁ ନିଷ୍ପତ୍ତି ହୋଇଛି । ସ୍ଥଳସେନାପାଇଁ ଉଚ୍ଚ ଗତିଶୀଳତା ସମ୍ପନ୍ନ ଯାନବାହନ, ଉନ୍ନତ ହାଲୁକା ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ୍ ଏବଂ ଉନ୍ନତ ସେତୁ ବ୍ୟବସ୍ଥା ଉପକରଣ ଅଧିଗ୍ରହଣ କରାଯିବ । କ୍ରୟ ହେବାକୁ ଥିବା ସାମଗ୍ରୀର ୯୮ ପ୍ରତିଶତ ଭାରତୀୟ ଶିଳ୍ପ କ୍ଷେତ୍ରରୁ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ତ୍ୱରିତ ଓ ସୁଲଭ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରରେ ଲୋକ ଅଦାଲତ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଏନ୍.ଜି.ଟି. - କ୍ଲିନ୍ ଏୟାର୍ ଡେ

ଜାତୀୟ ସବୁଜ ଟ୍ରିବ୍ୟୁନାଲ୍ - ଏନ୍.ଜି.ଟି. ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ କହିଛନ୍ତି, ସ୍ୱଚ୍ଛ ବାୟୁ ମାନବ ସମାଜପାଇଁ ଏକ ମୌଳିକ ଆବଶ୍ୟକତା । ନୂଆଦିଲ୍ଲୀରେ ଆଜି ନୀଳ ଆକାଶପାଇଁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ ଅବସରରେ ଏକ ସମାବେଶକୁ ସମ୍ବୋଧନ କରି ଜଷ୍ଟିସ୍ ଶ୍ରୀବାସ୍ତବ ଏହା କହିଛନ୍ତି । ସେ କହିଛନ୍ତି, ସୁସ୍ଥ ଜୀବନଶୈଳୀପାଇଁ ସ୍ୱଚ୍ଛ ବାୟୁ

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସମାଜର ବିଭିନ୍ନ ବର୍ଗ' ବାୟୁ ପ୍ରଦୂଷଣ ବିନା ସ୍ୱଚ୍ଛନ୍ଦରେ ଜୀବନ ଅତିବାହିତ କରିବା ଅତ୍ୟନ୍ତ ଜରୁରୀ । ବାୟୁ ପ୍ରଦୂଷଣର ଉତ୍ସଗୁଡ଼ିକ ଉପରେ ଆଲୋକପାତ କରି ଜଷ୍ଟିସ୍ ଶ୍ରୀବାସ୍ତବ' ଏହାକୁ ପ୍ରତିହତ କରିବାପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ବାୟୁ ଗୁଣବତ୍ତାକୁ ଉନ୍ନତ କରିବା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ସହର ତଥା କ୍ଷେତ୍ରଗୁଡ଼ିକୁ ଜଷ୍ଟିସ୍ ଶ୍ରୀବାସ୍ତବ ପୁରସ୍କୃତ କରିଛନ୍ତି ।

*****